# ଜିଲ୍ଲା ସ୍ତରୀୟ ଗାନ୍ଧୀ ଜୟନ୍ତୀ ପାଳିତ ।

## ମହାତ୍ମାଗାନ୍ଧୀ ଏବେବି ଏକ ବିସ୍ମୟ ।

ଅନୁଗୋଳ,ତା. ୦୨.୧୦:- ଜାତିର ଜନକ ମହାତ୍ମାଗାନ୍ଧୀ ଓ ଶାନ୍ତିର ଦୂତ ଲାଲବାହାଦୁର ଶାସ୍ତ୍ରୀଙ୍କର ଜିଲ୍ଲା ସ୍ତରୀୟ ଜୟନ୍ତୀ ଆଜି ସକାଳେ ଗାନ୍ଧୀ ପାର୍କ ଠାରେ ପାଳିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀ ସନ୍ତୋଷ କୁମାର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଜାତିର ଜନକ ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତୀ ଓ ଶାନ୍ତିର ଦୂତ ଲାଲବାହାଦୁର ଶାସ୍ତ୍ରୀଙ୍କର ଫଟୋଚିତ୍ରରେ ପୁଷ୍ପମାଲ୍ୟ ପ୍ରଦାନ ପୂର୍ବକ ଶ୍ରଦ୍ଧାସୁମନ ଅର୍ପଣ କରିବା ସହ ଗାନ୍ଧିଜୀଙ୍କର ଆତ୍ମଜୀବନି ଓ ଆଦର୍ଶ ସମ୍ପର୍କରେ ଆଲୋକପାତ କରିଥିଲେ । ପ୍ରାକ୍ତନ ଅଧ୍ୟକ୍ଷ ଅନୁଗୋଳ ସ୍ୱୟଂ ଶାସିତ ମହାବିଦ୍ୟାଳୟର ପ୍ରଫେସର ଶାନ୍ତନୁ କୁମାର ସର ମୁଖ୍ୟବକ୍ତା ଭାବେ ଯୋଗ ଦେଇ ମହାତ୍ମାଗାନ୍ଧୀ ଓ ଲାଲବାହାଦୁର ଶାସ୍ତ୍ରୀଙ୍କର ନୀତି ଓ ଆଦର୍ଶର ବିଭିନ୍ନ ଦିଗ ପ୍ରତି ଆଲୋକପାତ କରିଥିଲେ । ମହାତ୍ମାଗାନ୍ଧୀ ଜନ୍ମ ଦିନକୁ ମିଳିତ ଜାତିସଂଘ ଅହିଂସା ଦିବସ ଭାବେ ପାଳନ କରୁଛି । ତାଂକ ପୂର୍ବରୁ ଗୌତମ ବୁଦ୍ଧ ଓ ଯିଶୁଖ୍ରୀଷ୍ଟ ଅହିଂସାର ପଥ ଅନୁସରଣ କରିଥିଲେ । କିନ୍ତୁ ମହାମାନବ ଗାନ୍ଧୀ ଅହିଂସାକୁ ରାଜନୈତିକ ଆୟୁଧ ଭାବେ ବ୍ୟବହାର କରି ଭାରତକୁ ସ୍ୱାଧୀନ କରିବାରେ ସଫଳତା ପାଇଥିଲେ । ଏହି ଶାନ୍ତିର ଦୂତଙ୍କୁ ନୋବେଲ ପୁରସ୍କାର ମିଳି ନଥିଲା । କିନ୍ତୁ ଏହି ପୁରସ୍କାର ଯଦି ମିଳିଥାନ୍ତା ନୋବେଲ ପୁରସ୍କାର ଗୌରବାନ୍ୱିତ ହୋଇଥାନ୍ତା । ଗାନ୍ଧୀ ରାଜନୀତି ଆଧ୍ୟାତ୍ମିକରଣର ସ୍ୱପ୍ନ ଦେଖୁଥିଲେ । ସେ ରାଜନେତାମାନଂକ ମଧ୍ୟରେ ସନ୍ଥ ଓ ସନ୍ଥମାନଂକ ଭିତରେ ଥିଲେ ଏକ ନିର୍ଲିପ୍ତ ରାଜନେତା । ତାଂକ ମତରେ ଗାଁ ହେଉଛି ଭାରତ ବର୍ଷର ଅନ୍ତରାତ୍ମା ଓ ଗ୍ରାମାଂଚଳର ବିକାଶରେ ଦେଶର ବିକାଶ ହୋଇପାରିବ ବୋଲି ସେ ମତ ରଖିଥିଲେ । ବ୍ୟକ୍ତି ସ୍ୱାଧୀନତା, ନାରୀ ଶିକ୍ଷା, ପରିବେଶ ସୁରକ୍ଷା ଓ ମୌଳିକ ଶିକ୍ଷା ଉପରେ ସେ ଗୁରୁତ୍ୱାରୋପ କରୁଥିଲେ । ଆମେରିକାର ମାର୍ଟିନ ଲୁଥର କିଙ୍ଗ୍, ଦକ୍ଷିଣ ଆଫ୍ରିକାର ନେଲସନ ମାଣ୍ଡେଲା, ମ୍ୟାନମାର୍କର ଆନସୁଇ ଗାନ୍ଧୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ପ୍ରସିଦ୍ଧି ଲାଭ କରିଛନ୍ତି । ଆଜି ଯେତେବେଳେ ବିଶ୍ୱ ହିଂସ୍ର ଓ ଧ୍ୱଂସାତ୍ମକ ହେଉଛି, ମାନବ ସଭ୍ୟତାର ସୁରକ୍ଷା ପାଇଁ ଗାନ୍ଧୀବାଦ ଓ ଗାନ୍ଧୀ ଦର୍ଶନର ଆବଶ୍ୟକତା ରହିଛି ବୋଲି ସେ ମତବ୍ୟକ୍ତ କରିଥିଲେ । ସେହିପରି ଶାନ୍ତିର ଦୂତ ଲାଲ ବାହାଦୁର ଶାସ୍ତ୍ରୀ ଏକ ସାଧାରଣ ପରିବାରୁ ଆସି ଜଣେ ଆଦର୍ଶ ପ୍ରଧାନମନ୍ତ୍ରୀ ହୋଇପାରିଛନ୍ତି ବୋଲି ସେ ପ୍ରକାଶ କରିଥିଲେ । ଆୟୋଜିତ ସର୍ବଧର୍ମ ପ୍ରାର୍ଥନା ସଭାରେ ଡଃ. କୁଳମଣୀ ନାୟକ ଅବସରପ୍ରାପ୍ତ ଅଧ୍ୟକ୍ଷ ଓ ବାଜିରାଉତ ଛାତ୍ରାବାସର ଛାତ୍ରମାନେ ଗୀତା ପାଠ କରିଥିବାବେଳେ ରେଭରେଣ୍ଟ ଯୋଶିଯ୍ କାଉରୀ ବାଇବେଲ ପାଠ କରିଥିଲେ । ଜନାବ ରହମତି ଅଲ୍ଲି କୋରାନ ପାଠ କରିଥିଲେ । ଗାନ୍ଧୀ ଜୟନ୍ତୀ ଉପଲକ୍ଷେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ତରଫରୁ ପ୍ରତ୍ୟୁଷରେ ସହରରେ ରାମଧୁନ ରେକର୍ଡ ବଜାଯାଇ ସହର ପରିକ୍ରମା କରାଯାଇଥିଲା । ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶ୍ରୀ ଦୁଃଖବନ୍ଧୁ ମାଝି କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ବିଭାଗର କର୍ମଚାରୀମାନେ ସହଯୋଗ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନୁଗୋଳ ପୌରପାଳିକାର ଉପାଧ୍ୟକ୍ଷା ଅନୁପମା ସାହୁ, ଅନୁଗୋଳ ପୌରପାଳିକା ନିର୍ବାହୀ ଅଧିକାରୀ ଶ୍ରୀ ଗିରିଜା ଶଙ୍କର ମଲ୍ଲିକଙ୍କ ସମେତ ଶିକ୍ଷାନୁଷ୍ଠାନର ଛାତ୍ର ଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ, ସ୍ୱେଚ୍ଛାସେବୀ, ବୁଦ୍ଧିଜିବୀ, ଗାନ୍ଧୀପ୍ରେମୀ ଓ ବିଶିଷ୍ଟ ବ୍ୟକ୍ତିମାନେ ଯୋଗ ଦେଇଥିଲେ ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ, ଅନୁଗୋଳ ।

ଜ୍ଞାପକ ସଂଖ୍ୟା- ୫୭୯ ତା.୦୨.୧୦.୨୦୨୨

ଏହାର ଏକକିତା ନକଲ ସମସ୍ତ ଜିଲ୍ଲା ସ୍ତରୀୟ ସାମ୍ବାଦିକଙ୍କ ସଦୟ ଅବଗତି ଓ ଏହାର ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଅନୁଗୋଳ ।



